# Joint Press Release on the occasion of 7th India-Suriname Joint Commission Meeting

December 02, 2020

## ସପ୍ତମ ଭାରତ-ସୁରିନାମ ମିଳିତ ଆୟୋଗ ବୈଠକ ଅବସରରେ ମିଳିତ ପ୍ରେସ ବିଜ୍ଞପ୍ତି

**ଡିସେମ୍ବର 02, 2020**

2 ଡିସେମ୍ବର 2020 ରେ ଭାରତର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମାନ୍ୟବର ଶ୍ରୀ ଭି ମୁରଲୀଧରନ ଏବଂ ସୁରିନାମର ଆନ୍ତର୍ଜାତୀୟ ବ୍ୟବସାୟ ଏବଂ ଆନ୍ତର୍ଜାତୀୟ ସହଯୋଗ କ୍ଷେତ୍ରର ବୈଦେଶିକ ବ୍ୟାପାର ମନ୍ତ୍ରୀ ମାନ୍ୟବର ରାଷ୍ଟ୍ରଦୂତ ଆଲବର୍ଟ ଆର ରାମଦିନଙ୍କ ସହ ଅଧକ୍ଷତାରେ ସପ୍ତମ ଭାରତ-ସୁରିନାମ ମିଳିତ ଆୟୋଗର ଭର୍ଚୁଆଲ ବୈଠକ (ଜେସିଏମ) ଅନୁଷ୍ଠିତ ହୋଇଯାଇଛି। ବନ୍ଧୁତ୍ୱପୂର୍ଣ୍ଣ ଭାରତ ଏବଂ ସୁରିନାମ ସମ୍ପର୍କର ପୃଷ୍ଠଭୂମି ଉପରେ ଅନୁକୂଳ ପରିବେଶରେ ଦୁଇ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

2. ରାଜନୈତିକ ଆଲୋଚନାକୁ ଗଭୀରତର କରିବା, ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା ତଥା ଆଞ୍ଚଳିକ ଏବଂ ବହୁପକ୍ଷୀୟ ସହଯୋଗ ଉପରେ ମତ ଆଦାନ ପ୍ରଦାନ କରିବା ପାଇଁ ଏହି ମିଳିତ ଆୟୋଗର ମହତ୍ୱ ଉପରେ ଦୁଇ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

3. ଉଭୟ ପକ୍ଷ ସନ୍ତୋଷ ପ୍ରକାଶ କରି ଉଲ୍ଲେଖ କରିଥିଲେଯେ ଦୃଢ ସାଂସ୍କୃତିକ ଏବଂ ଐତିହାସିକ ବନ୍ଧନ ଥିବା ଭାରତ-ସୁରିନାମ ସମ୍ପର୍କ ଆନ୍ତରିକତା ଏବଂ ବିଭିନ୍ନ ପ୍ରସଙ୍ଗରେ ଦୃଷ୍ଟିକୋଣର ଏକ ଉଚ୍ଚତର ବୁଝାମଣା ଏବଂ ସମ୍ମିଶ୍ରଣ ଦ୍ୱାରା ଚିହ୍ନିତ। ସୃଜନଶୀଳ ଶିଳ୍ପ, ସ୍ୱାସ୍ଥ୍ୟ, ପାରମ୍ପାରିକ ଚିକିତ୍ସା ପ୍ରଣାଳୀ, କୃଷି, ଖଣି, ଶକ୍ତି, ପ୍ରତିରକ୍ଷା, ସଂସ୍କୃତି ଏବଂ ଶିକ୍ଷା, ଦୂତାବାସ ସ୍ତରରେ ସହଯୋଗ ଏବଂ ବିକାଶ କ୍ଷେତ୍ରରେ ସହଭାଗୀତା ପ୍ରତିଷ୍ଠା ଦିଗରେ ସହଯୋଗ ବୃଦ୍ଧି ଏବଂ ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ଉଦ୍ଦେଶ୍ୟରେ ବ୍ୟବସାୟ ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ନୂତନ ଗତି ପ୍ରଦାନ କରିବାକୁ ଦୁଇ ପକ୍ଷ ସହମତ ହୋଇଥିଲେ।

4. ଦକ୍ଷିଣ-ଦକ୍ଷିଣ ସହଯୋଗ ଆଭିମୁଖ୍ୟରେ ଋଣ ବ୍ୟବସ୍ଥା ମାଧ୍ୟମରେ ରିହାତି ମୂଲ୍ୟରେ ବିକାଶମୂଳକ ପ୍ରକଳ୍ପ ହାତକୁ ନେବାର ଗୁରୁତ୍ୱକୁ ଦୁଇ ମନ୍ତ୍ରୀ ସ୍ୱୀକାର କରିଥିଲେ। ସେମାନେ ଉଲ୍ଲେଖ କରିଥିଲେଯେ ସୁରିନାମ ସହିତ ଭାରତର ବିକାଶ ସହଭାଗୀତା ବିଦ୍ୟୁତ ଉତ୍ପାଦନ ଏବଂ ବିତରଣ, ସାଧାରଣ ଯୋଗାଣ ଏବଂ ଜଳ ଯୋଗାଣ ବ୍ୟବସ୍ଥା ସହିତ ବିଭିନ୍ନ କ୍ଷେତ୍ରରେ ଜାରି ରହିଛି। ସୁରିନାମର ଶକ୍ତି ସୁରକ୍ଷା, ଶକ୍ତି ଦକ୍ଷତା ଏବଂ ଶକ୍ତି ମିଶ୍ରଣ କ୍ଷେତ୍ରରେ ଯୋଜନାଧୀନ ପ୍ରକଳ୍ପଗୁଡିକର ଶୀଘ୍ର କାର୍ଯ୍ୟକାରିତା ପାଇଁ ସେମାନେ ଆଗ୍ରହ ପ୍ରକାଶ କରିଥିଲେ।

5. ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ସୁଧାର ସମେତ ଅନ୍ତର୍ଜାତୀୟ ମଞ୍ଚରେ ପରସ୍ପରକୁ ସମର୍ଥନ ପ୍ରଦାନ କରିବାକୁ ଦୁଇ ମନ୍ତ୍ରୀ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

6. ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ ତଥା ବିସ୍ତୃତ କରିବା ପାଇଁ ମିଳିତ ଆୟୋଗ ମାଧ୍ୟମରେ ବିଭିନ୍ନ ପ୍ରସଙ୍ଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଉଭୟ ପକ୍ଷ ସଂକଳ୍ପ ନେଇଥିଲେ।

7. ଏହି ମିଳିତ ଆୟୋଗର ପରବର୍ତ୍ତୀ ବୈଠକ 2022 ରେ ପାରାମାରିବୋଠାରେ ପାରସ୍ପରିକ ସୁବିଧାଜନକ ଦିନରେ ଅନୁଷ୍ଠିତ ହେବ ବୋଲି ସହମତି ହୋଇଥିଲା।

**ନୂଆଦିଲ୍ଲୀ**

**ଡିସେମ୍ବର 02, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.